# NATIONAL NEWS BULLETIN (ODIA)
## 17th July - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ଆଜି ନୂଆଦିଲ୍ଲୀରେ ପ୍ରଦାନ କରିବେ ରାଷ୍ଟ୍ରପତି ।
- କୃଷକମାନଙ୍କ ଜୀବନଧାରଣ ମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ପ୍ରଧାନମନ୍ତ୍ରୀ ।
- ଦେଶରେ ଗତ ୧୧ ବର୍ଷ ମଧ୍ୟରେ ବାର୍ଷିକ ଖାଦ୍ୟଶସ୍ୟ ଉତ୍ପାଦନ ହାର ୪୦ ପ୍ରତିଶତ ବୃଦ୍ଧିପାଇ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟନ୍‌ରେ ପହଞ୍ଚିଛି ବୋଲି କେନ୍ଦ୍ର କୃଷିମନ୍ତ୍ରୀଙ୍କ ସୂଚନା ।
- ଭାରତୀୟ ମହିଳା ଦଳ ଗତକାଲି ପ୍ରଥମ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଇଂଲଣ୍ଡ ବିପକ୍ଷରେ ୪ ୱିକେଟ୍‌ରେ ବିଜୟୀ ।

ଏବଂ

- ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ଗୁଡ଼ିକରେ ଆଜି ପ୍ରତିପକ୍ଷର ମୁକାବିଲା କରିବେ ଭାରତୀୟ ଖେଳାଳୀ ।

## ସ୍ୱଚ୍ଛ ସର୍ବେକ୍ଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସମ୍ମାନନୀୟ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ–ସହରାଞ୍ଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସ୍ୱଚ୍ଛ ସହରଗୁଡ଼ିକୁ ସମ୍ମାନିତ କରାଯିବ। ଚାରୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ସେଗୁଡ଼ିକ ମଧ୍ୟରେ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ଜନସଂଖ୍ୟା ଆଧାରରେ ତିନୋଟି ଶୀର୍ଷ ସ୍ୱଚ୍ଛ ସହରକୁ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ମୋଟ୍ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସହରାଞ୍ଚଳ ପରିମଳ ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ ପାଇଁ ଏକ ସ୍ମାର୍ଟ ପଦ୍ଧତି ଗ୍ରହଣ କରାଯାଇଛି । ଚଳିତ ବର୍ଷ ଏହି ପୁରସ୍କାରଗୁଡ଼ିକ 'ହ୍ରାସ କରିବା, ପୁନଃ ବ୍ୟବହାର କରିବା ତଥା ପୁନଃ ଚକ୍ରଣ କରିବା' ବିଷୟବସ୍ତୁ ଉପରେ ଆଧାରିତ ବୋଲି ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ କହିଛି।

# ପି.ଏମ୍. ମୋଦି - କ୍ୟାବିନେଟ୍

କୃଷକମାନଙ୍କ ଜୀବନଧାରଣ ମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମତ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏ ଦିଗରେ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କୃଷିକ୍ଷେତ୍ରରେ ପଛୁଆ ଥିବା ଜିଲ୍ଲାଗୁଡ଼ିକରେ ଏହାଦ୍ୱାରା କେବଳ ଶସ୍ୟ ଉତ୍ପାଦନ ବୃଦ୍ଧି ହେବ ନାହିଁ; ବରଂ ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରୋତ୍ସାହନ ଦେବାରେ ସହାୟକ ହେବ । ୨୦୨୫-୨୬ ଆର୍ଥିକ ବର୍ଷଠାରୁ ୬ ବର୍ଷ ଲାଗି ଦେଶର ୧୦୦ଟି ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । କୃଷି ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀ ବୃଦ୍ଧି, ଶସ୍ୟ ଅମଳ ପରବର୍ତ୍ତୀ ସଂରକ୍ଷଣ, ଜଳସଚେନ ବ୍ୟବସ୍ଥାର ଉନ୍ନତି ଓ ଋଣ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ଗତକାଲି ନୂଆଦିଲ୍ଲୀରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି :

***Voice (Baishnav 100 Districts)*** **:.......**

ସେହିଭଳି ଏନ୍.ଟି.ପି.ସି.କୁ ନବୀକରଣୀୟ ଶକ୍ତିରେ ୨୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିବାକୁ ଅନୁମତି ଦେଇଥିବା ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମଞ୍ଜୁରି ମିଳିଛି । ଏ ସମ୍ପର୍କରେ ନିଜର ମତ ରଖି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ନବୀକରଣୀୟ ଶକ୍ତି କ୍ଷମତାକୁ ସଶକ୍ତ କରିବା ଦିଗରେ ଭାରତର ପ୍ରଚେଷ୍ଟାକୁ ପ୍ରୋତ୍ସାହନ ମିଳିବ ।

## ଶିବରାଜ - ଆଇ.ସି.ଏ.ଆର୍.

ଦେଶରେ ଗତ ୧୧ ବର୍ଷ ମଧ୍ୟରେ ବାର୍ଷିକ ଖାଦ୍ୟଶସ୍ୟ ଉତ୍ପାଦନ ହାର ୪୦ ପ୍ରତିଶତ ବୃଦ୍ଧିପାଇ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟନ୍‌ରେ ପହଞ୍ଚିଛି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତୀୟ କୃଷି ଗବେଷଣା ପରିଷଦର ୯୭ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ୧୧ ବର୍ଷ ମଧ୍ୟରେ ଦେଶରେ ଫଳ ଓ ପରିବା ଉତ୍ପାଦନ ପରିମାଣ ୭୦ ଲକ୍ଷ ୫୦ ହଜାର ଏବଂ ଦୁଗ୍ଧ ଉତ୍ପାଦନ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟନ୍‌କୁ ବୃଦ୍ଧି ପାଇଛି । ପରେ କୃଷିମନ୍ତ୍ରୀ ଗତକାଲି ଗଣମାଧ୍ୟମ ସମ୍ମୁଖରେ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରି ପାଇଥିବା ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଉପରେ ଆଲୋକପାତ କରିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ସବୁଜ ବିପ୍ଳବକୁ ସାକାର

କରିବା ଲାଗି ସରକାରଙ୍କ ପକ୍ଷରୁ ବିବିଧ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ଅମିତ ଶାହା - ଜୟପୁର ଭିଜିଟ୍

ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଜି ଜୟପୁର ଗସ୍ତ କରିବେ । ଏହି ଅବସରରେ ସେ ଜୟପୁର ନିକଟବର୍ତ୍ତୀ ଦାଦିୟା ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା 'ସହକାରିତା ଏବଂ ରୋଜଗାର ଉତ୍ସବ'ରେ ଯୋଗଦେଇ ବିଭିନ୍ନ ସରକାରୀ ବିଭାଗରେ ୮ ହଜାର ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ଏତଦ୍‌ବ୍ୟତୀତ ଶ୍ରୀ ଶାହା' ଖାଦ୍ୟଶସ୍ୟ ସଂରକ୍ଷଣ ତଥା ଶ୍ରୀଅନ୍ନକୁ ପ୍ରୋତ୍ସାହନ ଦେବା ସମ୍ପର୍କିତ କେତେକ ଯୋଜନାର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ସମ୍ବାଦଦାତା :

***Voice (Jitendra)*** :....

## ଏମ୍.ଓ.ଏସ୍. ଭିଜିଟ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଆସନ୍ତା ଆସନ୍ତାକାଲିରୁ ୨୨ ତାରିଖ ପର୍ଯ୍ୟନ୍ତ ଏଶ୍ୱତିନି, ଲେଜୋଥୋକୁ ଏବଂ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାକୁ ସରକାରୀ ଗସ୍ତରେ ଯିବେ । ମନ୍ତ୍ରୀ ଶ୍ରୀ ମାର୍ଗେରିଟା ଏଶ୍ୱତିନିର ରାଜା ସ୍ୱାତୀ-ତୃତୀୟ ଏବଂ ପ୍ରଧାନମନ୍ତ୍ରୀଙ୍କ ଭେଟି ସାକ୍ଷାତ୍ ଆଲୋଚନା କରିବେ । ସେଠାକାର ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଏବଂ ସମ୍ପର୍କର ଅଗ୍ରଗତି ନେଇ ଆଲୋଚନା କରିବାର ସମ୍ଭାବନା ରହିଛି । ବାଣିଜ୍ୟ, ପୁଞ୍ଜିନିବେଶ, ଦକ୍ଷତା ବିକାଶ, ଭାଗିଦାରିତାରେ ଉନ୍ନତି ଏବଂ ଜନସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ସୁଦୃଢ଼ କରିବା ଉପରେ ଏହି ଗସ୍ତ ଗୁରୁତ୍ୱ ପ୍ରଦାନ କରିବ । ଏଶ୍ୱତିନିଠାରେ ଶ୍ରୀ ମାର୍ଗେରିଟା ପ୍ରବାସୀ ଭାରତୀୟମାନଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଭାରତର ବିକାଶ ଭାଗିଦାରିତାରେ ସେମାନଙ୍କର ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିବ ।

ଲେସୋଥୋଠାରେ ମନ୍ତ୍ରୀ ଶ୍ରୀ ମାର୍ଗେରିଟା ସେଠାକାର ରାଜା ଲେସି-ତୃତୀୟ ଏବଂ ପ୍ରଧାନମନ୍ତ୍ରୀ ସାମୁଏଲ୍ ମାଟେକାନେଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସେ ସେଠାକାର ବୈଦେଶିକ ମନ୍ତ୍ରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀମାନଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିବେ ।

ଦକ୍ଷିଣ ଆଫ୍ରିକାର କୁକୁଜାଠାରେ ଆସନ୍ତା ୨୪ ଓ ୨୫ ତାରିଖରେ ହେବାକୁ ଥିବା ଜି-୨୦ ମନ୍ତ୍ରୀସ୍ତରୀୟ ବୈଠକରେ ଶ୍ରୀ ମାର୍ଗେରିଟା ଭାରତୀୟ

ପ୍ରତିନିଧି ଦଳର ନେତୃତ୍ୱ ନେବେ । ସେ ଦକ୍ଷିଣ ଆଫ୍ରିକା ମନ୍ତ୍ରୀମାନଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଓଡ଼ିଶା କ୍ୟାବିନେଟ୍ ବୈଠକ

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ସମୃଦ୍ଧ ସହର ଯୋଜନାକୁ ସଫଳ କରିବା ପାଇଁ ୪ହଜାର ୮ଶହ ଅଣାଅଶୀ କୋଟି ୩୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହା ମାଧ୍ୟମରେ ଯୋଜନାବଦ୍ଧ ସହରୀକରଣ ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦିଆଯିବ ।

କ୍ୟାବିନେଟ୍‌ରେ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି କ୍ଷେତ୍ରରେ କୁଳାଧିପତିଙ୍କ କ୍ଷମତାକୁ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି ।

ଓଡ଼ିଶା ରାଜସ୍ୱ ସେବା ଓଆର୍‌ଏସ୍ କ୍ୟାଡରକୁ ଅଧିକ ସଶକ୍ତ ଓ ଦକ୍ଷ କରିବା ଲାଗି ଓଆର୍‌ଏସ୍ ନିଯୁକ୍ତି ନିୟମ ୨୦୧୧ରେ ରାଜ୍ୟ ସରକାର ସଂଶୋଧନ ଆଣିଛନ୍ତି । କ୍ୟାବିନେଟ୍‌ରେ ଓଡ଼ିଶା ସେମି କଣ୍ଡକ୍ଟର ଉତ୍ପାଦନ ଓ ଫାବ୍‌ଲେସ୍ ନୀତି ୨୦୨୩ର ଦ୍ୱିତୀୟ ସଂଶୋଧନକୁ ମଧ୍ୟ ଅନୁମତି ମିଳିଛି ।

## ଏଫ୍.ଏମ୍. କଲେଜ-କ୍ରାଇମ୍ ବ୍ରାଞ୍ଚ ତଦନ୍ତ

ଓଡ଼ିଶାର ବାଲେଶ୍ୱର ଏଫ୍.ଏମ୍. କଲେଜ ଛାତ୍ରୀ ମୃତ୍ୟୁ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଆଇ.ଜି. ଏସ୍ ସାଇନିଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ । ଏହି ଘଟଣାର ପ୍ରତିବାଦରେ ଆଜି ବିରୋଧୀଦଳଗୁଡ଼ିକ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ତେବେ ବନ୍ଦ ସମୟରେ ଅତ୍ୟାବଶ୍ୟକ ସେବାଗୁଡ଼ିକ ବାଦ୍ ଦିଆଯାଇଛି ।

## ଉତ୍ତମ ପ୍ରଶାସନିକ ଅଭ୍ୟାସ

ଭୁବନେଶ୍ୱରଠାରେ ଆଜିଠାରୁ ‘ଉତ୍ତମ ପ୍ରଶାସନିକ ଅଭ୍ୟାସ’ ସମ୍ପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେଉଛି । କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତଭାବେ ଏହି ଜାତୀୟ ସମ୍ମିଳନୀକୁ

ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀର ଆୟୋଜନ ହେଉଛି ।

## ୱିମେନ୍ସ କ୍ରିକେଟ୍

ଭାରତୀୟ ମହିଳା ଦଳ ଗତକାଲି ସାଉଥ୍‌ମ୍ପ୍‌ଟନ୍‌ର ରୋଜ୍ ବାଉଲ୍‌ଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଏହି ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତୀୟ ଦଳ ୧-୦ରେ ଅଗ୍ରଣୀ ରହିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଇଂଲଣ୍ଡ ଦଳ ନିର୍ଦ୍ଧାରିତ ୫୦ ଓଭର୍‌ରେ ୬ ୱିକେଟ୍ ହରାଇ ୨୫୮ ରନ୍ କରିଥିଲା । ଦଳ ପକ୍ଷରୁ ସୋଫିଆ ଡୁଙ୍କ୍‌ଲେ ୯୨ଟି ବଲ୍‌ରୁ ସର୍ବାଧିକ ୮୩ ରନ୍ କରିଛନ୍ତି । ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼ ଓ ସ୍ନେହ ରାଣା ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ୨୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହର୍‌ମନ ପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ ୧୦ ବଲ୍ ବାକିଥାଇ ଆବଶ୍ୟକ କରନ୍ ହାସଲ କରିଥିଲା । ଭାରତ ପକ୍ଷରୁ ଅପରାଜିତ ୬୨ ରନ୍ କରିଥିବା ଦୀପ୍ତି ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଆସନ୍ତା ଶନିବାର ଦିନ ଲଣ୍ଡନ୍‌ର ଲର୍ଡ଼ସ୍‌ଠାରେ ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ।

# ବ୍ୟାଡ୍‌ମିଣ୍ଟନ - ଜାପାନ ଓପନ୍

ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଙ୍ଗଲ୍‌ସ ବର୍ଗର ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଭାରତର ଲକ୍ଷ୍ୟ ସେନ୍ ଆଜି ଟୋକିଓଠାରେ ଜାପାନ୍‌ର କୋଡ଼ାଇ ନାରାଓକାଙ୍କୁ ଭେଟିବେ । ସେହିଭଳି ଡବଲ୍‌ସ ବର୍ଗର ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଭାରତର ଚିରାଗ୍ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ଚୀନ୍‌ର ୱାଙ୍ଗ୍ ଚାଙ୍ଗ୍ ଓ ଲିଆଙ୍ଗ୍ ୱିକେଙ୍ଗ୍‌ଙ୍କ ଯୋଡ଼ି ମଧ୍ୟରେ ମୁକାବିଲା ହେବ ।

ମହିଳା ସିଙ୍ଗଲ୍‌ସ୍ ବର୍ଗରେ ଭାରତର ଅନୁପମା ଉପାଧ୍ୟାୟ ଚୀନ୍‌ର ୱାଙ୍ଗ୍ ଝିଯିଙ୍କୁ ଭେଟିବାକୁ ଥିବାବେଳେ ପି.ଭି. ସିନ୍ଧୁ ଦକ୍ଷିଣ କୋରିଆର ସିମ୍ ୟୁ-ଜିନ୍‌ଙ୍କଠାରୁ ଗତକାଲି ୨୧-୧୫, ୨୧-୧୪ ସେଟ୍‌ରେ ହାରିଯାଇଛନ୍ତି ।

*****